EASTERN MEDIA LIMITED

SAMBAD

# ସମ୍ବାଦ

www.sambadepaper.com

PUBLISHED FROM BHUBANESWAR CUTTACK BERHAMPUR ANGUL BALASORE JEYPORE ROURKELA SAMBALPUR

RNI Regd. No. 42132/84 Volume XXIX No 222 Balasore Monday 20 May 2013 ₹ 3.00 Page 14 ବାଲେଶ୍ୱର, ସୋମବାର ୨୦ ମେ ୨୦୧୩, ମୂଲ୍ୟ ୩ ଟଙ୍କା, ୧୪ ପୃଷ୍ଠା

ସୁପ୍ରଭାତ ପୃଷ୍ଠାରେ...

- ଟେମ୍ପଲ୍ ଅଫ୍ ହେଭେନ୍
- ମିଜାଜ ପାଇଁ ସଙ୍ଗୀତ
- ଅବସାଦ ଦୂର କରେ ଟମାଟୋ










## ନବଜୀବନ ଫାଉଣ୍ଡେସନର ସ୍ୱାସ୍ଥ୍ୟସେବା ଶିବିର

ଅସୁରାଳି/ଧାମନଗର, ୧୯।୫(ଇମିସ): ନୂଆଦିଲ୍ଲୀସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ ନବ ଜୀବନ ଫାଉଣ୍ଡେସନ ପକ୍ଷରୁ ନଦୀଗାଁ ଶ୍ରୀଗୁଣ୍ଡିଚା ଯୁବସେବା ସଂସଦ ସହଯୋଗରେ ଆଜି ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଧାମନଗର ବ୍ଲକ ଭଙ୍ଗସାହି ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟ ଶିବିରରେ ଧାମନଗର, ଚାନ୍ଦବାଲି ଏବଂ ନଦୀଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ଦେବବ୍ରତ ତାଣ୍ଡୁ, ଡା. ରାଧାକାନ୍ତ ପ୍ରଧାନ, ଫାର୍ମାସିଷ୍ଟ ସାରଥୀ ପଣ୍ଡା ପ୍ରମୁଖ ବିଭିନ୍ନ ଅଞ୍ଚଳରୁ ଆସିଥିବା ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଅବସରରେ ଦୁଇ ଶହ ରୋଗୀଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ନବ ଜୀବନ ଫାଉଣ୍ଡେସନର କାର୍ଯ୍ୟକର୍ତ୍ତା ଅଜିତ କୁମାର ରଣାଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରକୁ ଯୁବନେତା ହରିହର ସାହୁ, ଅଶୋକ ରଣା, ମନୋଜ ରଣା, ମାନସ ସାହୁ, ନରେଶ ସାହୁ, ତପନ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଏହି ସଂସ୍ଥା ପକ୍ଷରୁ ଧୂଷୁରୀ ଠାରେ ଏକ ଜଳଛତ୍ର ସେବାକେନ୍ଦ୍ର ଖୋଲା ଯାଇଥିଲା।